# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 08 February – 2026

*********************************

## ମୁଖ୍ୟ ସମ୍ବାଦ

- ଅନୁଗୁଳ ପାଲଲହଡା ନିର୍ବାଚନମଣ୍ଡଳୀ ପାଇଁ ୧୭୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଜ୍ୟପାଳ

— ରାଜ୍ୟରେ ଚଳିତ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଜରିଆରେ ଶିକ୍ଷାଦାନ କରାଯିବ; କହିଲେ କେନ୍ଦ୍ରଶିକ୍ଷାମନ୍ତ୍ରୀ

- ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ପ୍ରଦାନ କଲେ ସଂସ୍କୃତି ମନ୍ତ୍ରୀ

- ସୁରୁଖୁରୁରେ ଚାଲିଛି ଧାନକିଣା ପ୍ରକ୍ରିୟା; ଟୋକେନ୍ ସମୟସୀମା ଅତିକ୍ରାନ୍ତ କ୍ଷେତ୍ରରେ ଅବଧି ୧୫ ଦିନ ବୃଦ୍ଧି ନିଷ୍ପତ୍ତି

ଏବଂ

- ୭୪ତମ ରାଜ୍ୟ ପୁଲିସ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍-୨୦୨୬ କଟକଠାରେ ଆରମ୍ଭ

# ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟ ସରକାର ଆସନ୍ତା ଏପ୍ରିଲ ମାସରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପାଠ୍ୟପୁସ୍ତକ ଲାଗୁ କରିବେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୁଳ ପବିତ୍ର ନଗରଠାରେ ପ୍ରଜାବନ୍ଧୁ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାକୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ନମ୍ବର ରାଜ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ପିଲାଙ୍କୁ ଚଳିତ ଶିକ୍ଷାବର୍ଷରୁ କୃତ୍ରିମ ବୁଦ୍ଧିମତ୍ତା ଜରିଆରେ ଶିକ୍ଷାଦାନ କରାଯିବ।

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

ଏହି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସ୍ୱର୍ଗତ ପ୍ରଧାନଙ୍କ ଏକ ପ୍ରତିମୂର୍ତ୍ତି ଓ ସ୍ମୃତିପୀଠର ଉନ୍ମୋଚନ କରି କହିଛନ୍ତି, ଏହି ପ୍ରତିମୂର୍ତ୍ତି ଓ ସ୍ମୃତିପୀଠ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ସେବାର ଜ୍ୱଳନ୍ତ ନିଦର୍ଶନ ହୋଇ ରହିବ। ଏହା ସହ ରାଜ୍ୟପାଳ ପାଲଲହଡା ନିର୍ବାଚନମଣ୍ଡଳୀର ଉନ୍ନତୀକରଣ ପାଇଁ ୧୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଖମାରଠାରେ ପ୍ରାୟ ୧୧ କୋଟି ଟଙ୍କାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଭବନ ଏବଂ ପବିତ୍ର ନଗର ଓ ବିରୁଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉଦ୍‌ଘାଟନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ।

ଏ ସମସ୍ତ ବିକାଶମୂଳକ କାର୍ଯ୍ୟ ପବିତ୍ର ମୋହନଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଯାହା, ଅଂଚଳବାସୀଙ୍କ ଜୀବନଧାରଣ ମାନରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କଣିହାଁ ସ୍ଥିତ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗଦେଇଥିଲେ। ଆସନ୍ତାବର୍ଷରୁ କଣିହାଁରେ ନୂତନ ଯୁକ୍ତଦୁଇ ବିଜ୍ଞାନ କଲେଜ୍ ପ୍ରତିଷ୍ଠା ସହ ଛାତ୍ରୀନିବାସ ନିର୍ମାଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ସୂର୍ଯ୍ୟବଂଶୀ ସୂରଜ

ଭାଷା ବଞ୍ଚିଲେ ସଂସ୍କୃତି ଓ ସଭ୍ୟତା ଉଜ୍ଜୀବିତ ରହିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱରଠାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ମାତୃଭାଷା ବୋଧଗମ୍ୟ, ସୃଜନଶୀଳତାରେ ପୂର୍ଣ୍ଣ। ଭାଷାର ସୁରକ୍ଷା ପାଇଁ ସମଗ୍ର ଓଡ଼ିଆ ଜାତିକୁ ପ୍ରୟାସ କରିବା ଜରୁରୀ। ଭାଷା ଆଧାରରେ ଗଠନ ହୋଇଥିବା ରାଜ୍ୟ ମଧ୍ୟରୁ ଓଡ଼ିଶା ପ୍ରଥମ। ରାଜ୍ୟର ଗୌରବଶାଳୀ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବାର ଦାୟିତ୍ୱ ଉତ୍ତରପିଢ଼ିଙ୍କ ଉପରେ ନ୍ୟସ୍ତ। ତେବେ ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କରାଗଲେ ଭାଷା ସୁରକ୍ଷିତ ରହିବା ସହ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ସମ୍ଭବ

ହୋଇପାରିବ।  ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଓଡ଼ିଆ ଭାଷାରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଛନ୍ତି।

**- V/O –**

## ଆୟକର ଆଇନ୍

ଆୟକର ଆଇନ୍ ୨୦୨୫ ଅନ୍ତର୍ଗତ ପ୍ରସ୍ତାବିତ ନିୟମାବଳୀ ଏବଂ ଏ ସଂକ୍ରାନ୍ତ ଫର୍ମଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କଠାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ମତାମତ ଆହ୍ୱାନ କରିଛି। ପ୍ରସ୍ତାବିତ ନିୟମାବଳୀ ଏବଂ ଫର୍ମଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ଆୟକର ବିଭାଗର ୱେବ୍‌ସାଇଟ୍, **incometaxindia.gov.in**ରେ ଉପଲବ୍ଧ ରହିଛି। ମତାମତ ଉପରେ ବିଚାରବିମର୍ଶ ପରେ ଅର୍ଥ ମନ୍ତ୍ରଣାଳୟ ତରଫରୁ ସଂଶୋଧିତ ନିୟମାବଳୀ ପ୍ରକାଶ ପାଇବ। ଗତବର୍ଷ ଅଗଷ୍ଟ ମାସରେ ଆୟକର ଆଇନ୍-୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଆସନ୍ତା ଏପ୍ରିଲ ମାସ ପହିଲାରୁ ଏହି ଆଇନ୍ କାର୍ଯ୍ୟକାରୀ ହେବ।

## କୁନ୍ତଳାକୁମାରୀ ସାବତ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତଙ୍କ ଆଜି ଜୟନ୍ତୀରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ତାଙ୍କ ଆଦର୍ଶ ଓ ଚିନ୍ତାଧାରା ରାଜ୍ୟକୁ ଏକ ସମୃଦ୍ଧ ଓ ସଚେତନ

ସମାଜ ଗଢ଼ିବା ଦିଗରେ ନିରନ୍ତର ପଥ ପ୍ରଦର୍ଶନ କରୁଥିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସାହିତ୍ୟ ଓ ସମାଜ ସଂସ୍କାରରେ କୁନ୍ତଳା କୁମାରୀ ସାବତଙ୍କ ଅବଦାନ ଅତୁଳନୀୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।

## ଧାନକିଣା

ରାଜ୍ୟରେ ଧାନକିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ମିଲରଙ୍କ ପାଖରେ ସ୍ଥାନ ଅଭାବ କାରଣରୁ କେତେକ ଅଂଚଳରେ ଧାନକିଣା ପ୍ରକ୍ରିୟା ସାମାନ୍ୟ ଧିମେଇ ଯାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଧାନକୁ  ମିଲ୍‌କୁ ସ୍ଥାନାନ୍ତର କରାଯାଉଛି ବୋଲି ସେ କହିଛନ୍ତି। ଟୋକେନ ସମୟସୀମା ଅତିକ୍ରାନ୍ତ ହେଉଥିବା କ୍ଷେତ୍ରରେ ୧୫ ଦିନ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରିବାକୁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଅନାବାଦୀ ଗୋଚର ଆଦି ଜମିରେ ଚାଷ ହେବା ସହ ଭଲ ଫସଲ ହୋଇଛି ବୋଲି ସେ କହିଛନ୍ତି। ତେବେ ଆନ୍ଦୋଳନରେ ସମ୍ପୃକ୍ତ ଲୋକମାନେ ଚାଷୀ ନୁହଁନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ସରକାରଙ୍କୁ ବଦନାମ କରିବା ପାଇଁ ଏଭଳି ଆନ୍ଦୋଳନ କରାଯାଉଥିବା ସେ କହିଛନ୍ତି। ତେବେ ଗତବର୍ଷ ୫୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିଥିବା ବଡ଼ ଚାଷୀ ନିର୍ଦ୍ଧାରିତ ପରିମାଣ ନିଷ୍ପତ୍ତି ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଆସନ୍ତାବର୍ଷ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

## ପ୍ରତିଯୋଗିତା

**କଟକ** ରିଜର୍ଭ ପୁଲିସ୍ ପଡିଆଠାରେ ଆଜିଠାରୁ ୭୪ତମ ରାଜ୍ୟ ପୁଲିସ୍‌ର ଆଥଲେଟିକ ଚାମ୍ପିଅନ୍‌ସିପ-୨୦୨୬ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ କ୍ରାଇମ୍‌ବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଯୋଗଦେଇ ଏଭଳି ପ୍ରତିଯୋଗିତା ଓଡ଼ିଶା ପୁଲିସ୍‌ର ଶୃଙ୍ଖଳା, ସଂଯମତା ଏବଂ ସହନଶୀଳତାର ପ୍ରତୀକ ବୋଲି କହିଛନ୍ତି। ପୁଲିସ୍ କର୍ମଚାରୀଙ୍କର ଶାରୀରିକ ଏବଂ ମାନସିକ ଦକ୍ଷତାକୁ ପ୍ରତିପାଦନ କରିବାରେ ଏଭଳି ପ୍ରତିଯୋଗିତା ଏକ ମଂଚ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁଲିସ୍ କ୍ରୀଡା ପ୍ରତିଯୋଗିତାରେ ରାଜ୍ୟର ପୁଲିସ୍ କର୍ମଚାରୀ ଉତ୍କର୍ଷ ପ୍ରତିପାଦନ କରି ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରତିଯୋଗିତାରେ ୩୬ଟି ପୁଲିସ୍ ଦଳର ୫୦୨ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ବିଭିନ୍ନ ବର୍ଗରେ ୪୨୭ ଜଣ ପୁରୁଷ ଏବଂ ୭୫ ଜଣ ମହିଳା ପ୍ରତିଯୋଗୀ ଏଥିରେ ଅନ୍ତର୍ଭୁକ୍ତ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଜମି ଅଧିଗ୍ରହଣ

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ନିକଟ କାଇଥଖୋଲାଠାରେ ଶିଳ୍ପ ପାର୍କ ପ୍ରତିଷ୍ଠା ନେଇ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି। ୬ଟି ମୌଜାରୁ ପ୍ରଥମ ପର୍ଯ୍ୟାୟରେ ୧ ହଜାର ୧୩୫ ଏକର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧ ହଜାର ୧୨୦ ଏକର ଜମି ଅଧିଗ୍ରହଣ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଏଥିପାଇଁ ଜମି ମାଲିକଙ୍କୁ ନୋଟିସ୍ ପ୍ରଦାନ କରାଯିବ ବୋଲି ଜିଲ୍ଲା ଭୂମି ଅର୍ଜନ ଅଧିକାରୀ ସୂଚନା ଦେଇଛନ୍ତି। ଆସନ୍ତା ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜମି ଅଧିଗ୍ରହଣ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇ ମାସ ଶେଷ ସୁଦ୍ଧା

ଜମି ମାଲିକଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପକ୍ଷୀଗଣନା

**କନ୍ଧମାଳ** ଜିଲ୍ଲା ଫିରିଙ୍ଗିଆର ବିଭିନ୍ନ ଜଳାଶୟ ଏବଂ ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ସିର୍କି ଡ୍ୟାମ୍‌ରେ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଛି। ଫୁଲବାଣୀ ବନଖଣ୍ଡ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପାହାଡ' ସହଯୋଗରେ ଅନୁଷ୍ଠିତ ଏହି ଗଣନା କାର୍ଯ୍ୟରେ ବିଭିନ୍ନ ଜୈବ ବିବିଧତା ସମିତିର ସଦସ୍ୟ ଅଂଶଗ୍ରହଣ କରିଥିଲେ। ୧୯ ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଥିବା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି।

## ଆତ୍ମରକ୍ଷା କୌଶଳ

**ଭଦ୍ରକ** ଜିଲ୍ଲା ଧାମନଗର ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ କଲେଜ୍‌ର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ଦିଗରେ ଆତ୍ମରକ୍ଷା କୌଶଳର ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ତୁଷାର ମହୋତ୍ସବ

**କନ୍ଧମାଳ** ଜିଲ୍ଲା ଜି.ଉଦୟଗିରି ବ୍ଲକ୍‌ରେ ୫ ଦିନ ଧରି ଚାଲିଥିବା ତୁଷାର ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପଂଚାୟତୀରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ସ୍ଥାନୀୟ

ପର୍ଯ୍ୟଟନସ୍ଥଳିଗୁଡ଼ିକର ପ୍ରଚାର ଓ ପ୍ରସାର ଦିଗରେ ଏଭଳି ମହୋତ୍ସବ ଉପଯୋଗୀ ସାବ୍ୟସ୍ତ ହେଉଛି । କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## ସୂର୍ଯ୍ୟବଂଶୀ ସୂରଜ

ଭାଷା ବଞ୍ଚିଲେ ସଂସ୍କୃତି ଓ ସଭ୍ୟତା ଉଜ୍ଜୀବିତ ରହିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରଠାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ମାତୃଭାଷା ବୋଧଗମ୍ୟ, ସୃଜନଶୀଳତାରେ ପୂର୍ଣ୍ଣ । ଭାଷାର ସୁରକ୍ଷା ପାଇଁ ସମଗ୍ର ଓଡ଼ିଆ ଜାତିକୁ ପ୍ରୟାସ କରିବା ଜରୁରୀ । ଭାଷା ଆଧାରରେ ଗଠନ ହୋଇଥିବା ରାଜ୍ୟ ମଧ୍ୟରୁ ଓଡ଼ିଶା ପ୍ରଥମ। ରାଜ୍ୟର ଗୌରବଶାଳୀ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବାର ଦାୟିତ୍ୱ ଉତ୍ତରପିଢ଼ିଙ୍କ ଉପରେ ନ୍ୟସ୍ତ । ତେବେ ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କରାଗଲେ ଭାଷା ସୁରକ୍ଷିତ ରହିବା ସହ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ସମ୍ଭବ ହୋଇପାରିବ।  ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଓଡ଼ିଆ ଭାଷାରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଛନ୍ତି ।

**- V/O -**